## ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଦାବି

# ପିଜି ପ୍ରବେଶିକାରେ ବିଚ୍ୟୁତି

ପ୍ରଫୁଲ୍ଲ କୁମାର ଦାଶ,
ସମ୍ବଲପୁର, ୧୮।୬:

ସଂପ୍ରତି ରାଜ୍ୟରେ ସମ୍ପନ୍ନ ମେଡିକାଲ ପିଜି ପ୍ରବେଶିକା ପାଇଁ କାଉନସେଲିଂରେ ହାଇକୋର୍ଟ ନିର୍ଦ୍ଦେଶର ଗୁରୁତର ଅବମାନନା କରାଯାଇଛି। ଓଡ଼ିଶା ସାଂସ୍କୃତିକ ସମାଜ ବିଭିନ୍ନ ତଥ୍ୟ ସମ୍ବଳିତ ଅଭିଯୋଗ କରି ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରିଛି। ଫଳରେ ଚଳିତ ବର୍ଷ ପିଜି ପ୍ରବେଶିକା ନେଇ ହୋଇଥିବା ଚୟନ ପ୍ରକ୍ରିୟା ଉପରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଡ଼ିଶା ସାଂସ୍କୃତିକ ସମାଜ ଆଜି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଛି ଯେ ଓଡ଼ିଶା ହାଇକୋର୍ଟର ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ଅନୁସାରେ ସର୍ବଭାରତୀୟ କୋଟାରୁ ଫେରି ଆସିଥିବା ସିଟ କୋଟାକୁ ୫୦/୫୦ ପ୍ରତିଶତ ହିସାବରେ କାର୍ଯ୍ୟରତ ଓ ସିଧାସଳଖ ପ୍ରାର୍ଥୀଙ୍କ ମଧ୍ୟରେ ଭାଗବଣ୍ଟା ହେବା ଉଚିତ୍। ମାତ୍ର ଏଥର ପିଜି ସ୍ପଟ କାଉନସେଲିଂ କାଳରେ ହାଇକୋର୍ଟର ଏହି ଆଦେଶକୁ ଉଲ୍ଲଙ୍ଘନ କରାଯାଇଛି। ଫଳରେ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ କାର୍ଯ୍ୟରତ ଡାକ୍ତର ନିରୁତ୍ସାହିତ ହୋଇଛନ୍ତି। ସେହିପରି ପୋଷ୍ଟ ଗ୍ରାଜୁଏସନ ମେଡିକାଲ ଏଜୁକେସନ ଆକ୍ଟ-୨୦୦୦, ସଂଶୋଧିତ ନିୟମ ଅନୁସାରେ ଘରୋଇ ମେଡିକାଲ କଲେଜର ପିଜି ସିଟ ମଧ୍ୟରୁ ୫୦% ରାଜ୍ୟକୁ ପ୍ରଦାନ କରାଯିବ। ରାଜ୍ୟ ହାଇକୋର୍ଟ ଆଦେଶ ମୁତାବକ ସେହି ୫୦% ସିଟକୁ କାର୍ଯ୍ୟରତ ଓ ସିଧାସଳଖ ପ୍ରାର୍ଥୀଙ୍କ ମଧ୍ୟରେ ବଣ୍ଟନ କରିବ। ଏହି ସଂଶୋଧିତ ନିୟମ ମଧ୍ୟ ଏଥର ସ୍ପଟ କାଉନସେଲିଂରେ ପାଳନ କରାଯାଇନାହିଁ। ଅନ୍ୟାନ୍ୟ ରାଜ୍ୟରେ ଡୋମିସିଲିୟାରୀ କୋଟା ପ୍ରଣୟନ କରି ୫୦% ରୁ ୭୦% ନିଜ ରାଜ୍ୟର ପ୍ରାର୍ଥୀଙ୍କୁ ପ୍ରଦାନ କରୁଛନ୍ତି। ଏଭଳି ନିୟମ ମଧ୍ୟ ରାଜ୍ୟରେ ପ୍ରଚଳନ କରାଯାଇନାହିଁ।

ପ୍ରକାଶ ଥାଉକି ଏଥର ପିଜି ନାମଲେଖା କାଉନସେଲିଂରେ ଭୀମସାରର ମେଡିସିନ ବିଭାଗରେ ୨୦ଟି ସିଟ ଓ ଟିବି-ଚେଷ୍ଟ ବିଭାଗରେ ୫ଟି ସିଟ ଥିବା ବେଳେ ଗୋଟିଏ କରି ସିଟ କମ କରାଯାଇ ▶▶ ୬